# NATIONAL NEWS BULLETIN (ODIA)

## 7th June - 2026

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ଭାରତ-ଇଣ୍ଡୋନେସିଆ ଅଷ୍ଟମ ଯୁଗ୍ମ କମିଶନ ବୈଠକରେ ଉଭୟ ଦେଶ ମଧ୍ୟରେ ବ୍ୟାପକ ରଣନୀତି ଓ ଭାଗିଦାରିତା ନେଇ ସହମତି ପ୍ରକାଶ ।
- କେନ୍ଦ୍ର ସରକାର ଗତ ୧୨ ବର୍ଷ ମଧ୍ୟରେ ପ୍ରଯୁକ୍ତିବିଦ୍ୟାରେ ସ୍ୱତନ୍ତ୍ରତା ଓ ନାଗରିକ କୈନ୍ଦ୍ରିକ ନୀତି ମାଧ୍ୟମରେ ପରିବର୍ତ୍ତନ ଆଣିଛନ୍ତି; କହିଲେ କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ।
- ପଶ୍ଚିମବଙ୍ଗରେ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ।

ଏବଂ

- ଭାରତୀୟ କୁସ୍ତି ପ୍ରତିଯୋଗୀମାନେ ଉଲାନ୍‌ବାତାର ଓପନ୍ ପ୍ରତିଯୋଗିତାରେ ହାସଲ କଲେ ଦୁଇଟି ସ୍ୱର୍ଣ୍ଣପଦକ ।

# ଇଣ୍ଡିଆ-ଇଣ୍ଡୋନେସିଆ ମିଟିଂ

ଭାରତ-ଇଣ୍ଡୋନେସିଆ ଅଷ୍ଟମ ଯୁଗ୍ମ କମିଶନ ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ଇଣ୍ଡୋନେସିଆ ପ୍ରତିପକ୍ଷ ସୁଗିଓନୋ ବୈଠକରେ ସହ-ଅଧ୍ୟକ୍ଷତା କରିଥିଲେ । ବୈଠକରେ ଉଭୟ ନେତା ବ୍ୟାପକ ରଣନୀତି, ଭାଗିଦାରିତା ଅଧୀନରେ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିଥିଲେ । ଉଭୟ ପକ୍ଷଙ୍କ ମଧ୍ୟରେ ରାଜନୈତିକ ବ୍ୟାପାର, ପ୍ରତିରକ୍ଷା, ସୁରକ୍ଷା, ସାମୁଦ୍ରିକ ସହଯୋଗ, ବାଣିଜ୍ୟ, ପୁଞ୍ଜିନିବେଶ, ଔଷଧ ଓ ସ୍ୱାସ୍ଥ୍ୟ, ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା, ଶକ୍ତି, ଯୋଗାଯୋଗ, ମହାକାଶ, ଶିକ୍ଷା, ସଂସ୍କୃତି ଏବଂ ଜନସମ୍ପର୍କ ଉପରେ ଆଲୋଚନା ହୋଇଥିଲା । ଦୁଇ ନେତା ଆପୋଷ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଏବଂ ବୈଶ୍ୱିକ ବିକାଶ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏକ୍ଷେତ୍ରରେ ସହଯୋଗ ଏବଂ ସମନ୍ୱୟ ସ୍ଥାପନପାଇଁ ଉଭୟ ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଡକ୍ଟର ଜୟଶଙ୍କର ଏବଂ ଶ୍ରୀ ସୁଗିଓନୋ ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତିକୁ ପ୍ରଶଂସା କରିଥିଲେ ଏବଂ ନିକଟ ଭବିଷ୍ୟତରେ ଆସନ୍ତା ଯୁଗ୍ମ କମିଶନ ବୈଠକ ନେଇ ଉଭୟ ନେତା ସହମତି ପ୍ରକାଶ କରିଥିଲେ ।

## ଡବ୍ଲ୍ୟୁ.ବି.-ଏ.ବି. ପି.ଏମ୍. ଜୟ

ପଶ୍ଚିମବଙ୍ଗ’ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ ଯୋଜନା- ABPM-JAY କାର୍ଯ୍ୟକାରୀ କ୍ଷେତ୍ରରେ ୩୬ତମ ରାଜ୍ୟ ହେବ । ଏହା ହେଉଛି ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟବୀମା ଯୋଜନା । ନୂଆଦିଲ୍ଲୀରେ ଆସନ୍ତାକାଲି ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ଏବଂ ପଶ୍ଚିମବଙ୍ଗ ସରକାରଙ୍କ ମଧ୍ୟରେ ଏନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଉପସ୍ଥିତିରେ ABPM-JAY କାର୍ଯ୍ୟକାରୀ ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ଦେଶର ସମସ୍ତ ନାଗରିକଙ୍କୁ ସହଜରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଲକ୍ଷ୍ୟରେ ଏହା ହେଉଛି ଏକ ମାଇଲଖୁଣ୍ଟ । ଆୟୁଷ୍ମାନ ଭାରତ ପିଏମ୍. ଜୟ ଦ୍ୱାରା ପ୍ରତ୍ୟେକ ପରିବାରକୁ ପ୍ରତିବର୍ଷ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସେବା ବୀମା ପ୍ରଦାନ କରାଯାଇପାରିବ ।

## ପି.ଏମ୍. - ମେଜର ବାରାକ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେଜର ଅଭିଲାଷା ବାରାକ୍‌ଙ୍କୁ ଜାତିସଂଘ ସାମରିକ ଜେଣ୍ଡର ଆଡ୍‌ଭୋକେଟ୍ ପୁରସ୍କାରରେ ସମ୍ମାନିତ କରାଯାଇଥିବାରୁ

ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ମେଜର ବାରାକ୍‌ଙ୍କ ଅନନ୍ୟ ସେବାକୁ ସମ୍ମାନିତ କରିବା ଏବଂ ଜାତିସଂଘର ଶାନ୍ତି ପ୍ରତିଷ୍ଠା ଦିଗରେ ତାଙ୍କର ଅବଦାନକୁ ମାନ୍ୟତା ପ୍ରଦାନସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯାଇଛି । ତାଙ୍କର ଏହି ସଫଳତା ଅଗଣିତ ଯୁବବର୍ଗଙ୍କୁ ପ୍ରେରଣା ଯୋଗାଇବ । ବିଶେଷକରି ଦେଶର କନ୍ୟାରତ୍ନମାନଙ୍କୁ ଦେଶସେବା ଦିଗରେ ପ୍ରୋତ୍ସାହିତ କରିବ । ମେଜର ବାରାକ୍ ସମ୍ପ୍ରତି ଲେବାନନ୍‌ଠାରେ ଜାତିସଂଘ ଶାନ୍ତି ପ୍ରତିଷ୍ଠା ଅଭିଯାନରେ କାର୍ଯ୍ୟରତ ରହି ସେ ଟିମ୍ କମାଣ୍ଡର ଜେଣ୍ଡର ଫୋକାଲ ପଏଣ୍ଟର ନେତୃତ୍ୱ ନେଉଛନ୍ତି । ଗତ ଶୁକ୍ରବାର ନ୍ୟୁୟର୍କଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି ।

## ପେରୁ - ପ୍ରେସିଡେନ୍‌ସିଆଲ୍ ପୋଲ୍‌ସ

ଦକ୍ଷିଣ ଆମେରିକା ରାଷ୍ଟ୍ର ପେରୁରେ ଆଜି ରାଷ୍ଟ୍ରପତି ପଦପାଇଁ ମତଦାନ ଅନୁଷ୍ଠିତ ହେଉଛି । କଞ୍ଜରଭେଟିଭ୍ ଦଳ ପ୍ରାର୍ଥୀ କେଇକୋ ଫୁଜିମୋରି ଏବଂ ବାମପନ୍ଥୀ ପ୍ରାର୍ଥୀ ରୋବେର୍ଟୋ ସାଞ୍ଚେଜ୍‌ଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ଏପ୍ରିଲ୍ ମାସରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ମତଦାନରେ ଉଭୟ ପ୍ରାର୍ଥୀ ୩୩ ଜଣ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ

ହୋଇଥିଲେ । ପେରୁରେ ୧୮ରୁ ୭୦ ବର୍ଷ ମଧ୍ୟରେ ପ୍ରତ୍ୟେକ ନାଗରିକଙ୍କପାଇଁ ମତଦାନ ବାଧ୍ୟତାମୂଳକ କରାଯାଇଛି । ୭୦ ମିଲିୟନ୍‌ରୁ ଊର୍ଦ୍ଧ୍ୱ ଭୋଟର୍ ମତଦାନ ପାଇଁ ପଞ୍ଜିକୃତ କରିଛନ୍ତି । ସେମାନଙ୍କ ମଧ୍ୟରେ ବିଦେଶରେ ରହୁଥିବା ୧୨ ଲକ୍ଷ ପେରୁବାସୀ ଅଛନ୍ତି ।

## ଡବ୍ଲ୍ୟୁ.ବି.-ଏ.ବି. ପି.ଏମ୍. ଜୟ

ପଶ୍ଚିମବଙ୍ଗ' ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା- ABPM-JAY କାର୍ଯ୍ୟକାରୀ କ୍ଷେତ୍ରରେ ୩୬ତମ ରାଜ୍ୟ ହେବ । ଏହା ହେଉଛି ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟବୀମା ଯୋଜନା । ନୂଆଦିଲ୍ଲୀରେ ଆସନ୍ତାକାଲି ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ଏବଂ ପଶ୍ଚିମବଙ୍ଗ ସରକାରଙ୍କ ମଧ୍ୟରେ ଏନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଉପସ୍ଥିତିରେ ABPM-JAY କାର୍ଯ୍ୟକାରୀ ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ଦେଶର ସମସ୍ତ ନାଗରିକଙ୍କୁ ସହଜରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଲକ୍ଷ୍ୟରେ ଏହା ହେଉଛି ଏକ ମାଇଲଖୁଣ୍ଟ । ଆୟୁଷ୍ମାନ ଭାରତ ପିଏମ୍. ଜୟ ଦ୍ୱାରା ପ୍ରତ୍ୟେକ ପରିବାରକୁ ପ୍ରତିବର୍ଷ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସେବା ବୀମା ପ୍ରଦାନ କରାଯାଇପାରିବ ।

## ଡବ୍ଲ୍ୟୁ.ବି. - ମିନିଷ୍ଟର ମିଟିଂ

ପଶ୍ଚିମବଙ୍ଗର ସିଲିଗୁରିଠାରେ ରାଜ୍ୟ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅଗ୍ନିମିତ୍ରା ପଲ୍‌ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ମହିଳା ଓ ଶିଶୁବିକାଶ, ସାମାଜିକ କଲ୍ୟାଣ, ବିପର୍ଯ୍ୟୟ ପରିଚାଳନା, ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜାନା ସମ୍ପର୍କରେ ଆଲୋଚନା ହୋଇଛି ।

## ଜେ.କେ. - ଟ୍ରିବ୍ୟୁଟ୍ ସୋଲ୍‌ଜର୍ସ

ଜମ୍ମୁ-କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା' ରାଜୌରୀ ଜିଲ୍ଲାରେ କାର୍ଯ୍ୟରତ ଥିବାବେଳେ ପ୍ରାଣ ହରାଇଥିବା ଲେଫ୍ଟନାଣ୍ଟ ବୀରେଶ୍ୱର ଗୋସ୍ୱାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଜମ୍ମୁର ବାୟୁସେନା କେନ୍ଦ୍ରଠାରେ ତାଙ୍କର ସମ୍ମାନାର୍ଥେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା । ଗତକାଲି ସନ୍ଧ୍ୟାରେ ଦୋଳିମାଲ୍ ଅଞ୍ଚଳରେ ସନ୍ତ୍ରାସବାଦ ବିରୋଧୀ କାର୍ଯ୍ୟକ୍ରମ ସମୟରେ ଏକ ଗଭୀର ଖାତ ମଧ୍ୟରେ ଖସିପଡ଼ିବା ଫଳରେ ଲେଫ୍ଟନାଣ୍ଟ ଗୋସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା ।

# ୱାର୍ଲଡ ଫୁଡ୍ ସେଫ୍ଟି ଡେ

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଏକ ସୁସ୍ଥ ଭବିଷ୍ୟତ ପାଇଁ ସୁରକ୍ଷିତ ଓ ସ୍ୱଚ୍ଛ ଖାଦ୍ୟ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଅବସରରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ ନାଗରିକମାନଙ୍କୁ ସୁସ୍ଥ ଖାଦ୍ୟପେୟ ଅଭ୍ୟାସ ଆପଣାଇବା ଏବଂ ଏକ ସୁସ୍ଥ ତଥା ଆତ୍ମନିର୍ଭରଶୀଳ ଭାରତ ଗଠନରେ ଯୋଗଦାନ କରିବାକୁ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରନ୍ଧନ ତେଲ ବ୍ୟବହାର ୧୦ ପ୍ରତିଶତ ହ୍ରାସ କରିବା ସଂକ୍ରାନ୍ତ ପରାମର୍ଶକୁ ସ୍ମରଣ କରାଇବା ସହ ଉତ୍ତମ ସ୍ୱାସ୍ଥ୍ୟ ତଥା ଏକ ଶକ୍ତିଶାଳୀ ରାଷ୍ଟ୍ର ପାଇଁ ସନ୍ତୁଳିତ ଆହାର ଗ୍ରହଣ କରିବାର ବାର୍ତ୍ତାକୁ ଶ୍ରୀ ନଡ୍ଡା ଦୋହରାଇଛନ୍ତି ।

ପ୍ରତିବର୍ଷ ଜୁନ୍ ୭ ତାରିଖରେ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଜାତୀୟ କର୍ତ୍ତୃପକ୍ଷ, ନାଗରିକ ସମାଜ, ଶିକ୍ଷାବିତ୍ ଏବଂ ବିଶ୍ୱର ଅନ୍ୟାନ୍ୟ ଅଂଶଗ୍ରହଣକାରୀଙ୍କ ସହ ମିଶି ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ପାଳନ କରିଥାନ୍ତି । ଏହି ଦିବସ ଖାଦ୍ୟ ସୁରକ୍ଷାକୁ ଏକ ଅଂଶୀଦାର ଅଧିକାର ଏବଂ ଦାୟିତ୍ୱବୋଧତା ଭାବେ ଆଲୋକପାତ କରେ ଏବଂ ସାମୁହିକ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ଶକ୍ତିଶାଳୀ ସୁଯୋଗ ପ୍ରଦାନ କରେ । ଚଳିତବର୍ଷର ବିଷୟବସ୍ତୁ ରହିଛି 'ସମସ୍ୟାରୁ ସମାଧାନ-ପର୍ଯ୍ୟନ୍ତ ସର୍ବତ୍ର ସୁରକ୍ଷିତ ଖାଦ୍ୟ' ।

ଯାହା ଚାଷ ଜମିରୁ ଥାଳି ପର୍ଯ୍ୟନ୍ତ ସ୍ୱଚ୍ଛତା ଏବଂ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବାର ଗୁରୁତ୍ୱକୁ ଦର୍ଶାଉଛି ।

## ସାଫ୍ - ୱିସେସ୍

ଭାରତୀୟ ମହିଳା ଫୁଟ୍‌ବଲ୍ ଦଳ ସାଫ୍ ଚାମ୍ପିୟନସିପ୍-୨୦୨୬ ଟାଇଟଲ୍ ହାସଲ କରିଥିବାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି । ଗତକାଲି ଗୋଆର ମଡ଼ଗାଓଁଠାରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଭାରତୀୟ ମହିଳା ଫୁଟ୍‌ବଲ୍ ଦଳ ପ୍ରତିପକ୍ଷ ବାଂଲାଦେଶକୁ ୩-୧ ଗୋଲ୍‌ରେ ପରାସ୍ତ କରି ଷଷ୍ଠ ଥରପାଇଁ ଟାଇଟଲ୍ ହାସଲ କରି ରେକର୍ଡ଼ ସୃଷ୍ଟି କରିଛି ।

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି କହିଛନ୍ତି, ଟୁର୍ଣ୍ଣାମେଣ୍ଟ୍‌ରେ ମହିଳା ଫୁଟ୍‌ବଲ୍ ଖେଳାଳୀମାନେ ସେମାନଙ୍କର ଦକ୍ଷତା, ଦୃଢ଼ ମନୋବଳ ଏବଂ ମିଳିତ ମନୋଭାବ ସହ ଖେଳି ଶ୍ରେଷ୍ଠତା ପ୍ରଦର୍ଶନ କରିଥିଲେ ।

ଉପରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ମହିଳା ଫୁଟ୍‌ବଲ୍ ଖେଳାଳୀମାନଙ୍କ ଉଲ୍ଲେଖନୀୟ ସଫଳତା ଭାରତର ଅନ୍ୟାନ୍ୟ ମହିଳା ଫୁଟ୍‌ବଲ୍ ଖେଳାଳୀଙ୍କୁ ସତର୍କ କରିବ ଏବଂ ଦେଶର କ୍ରୀଡ଼ା ପ୍ରତିଯୋଗୀମାନଙ୍କୁ ପ୍ରେରଣା ଯୋଗାଇବ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଟୁର୍ଣ୍ଣାମେଣ୍ଟରେ ମହିଳା ଫୁଟ୍‌ବଲ୍ ଖେଳାଳୀ ଶ୍ରେଷ୍ଠତା ପ୍ରଦର୍ଶନ କରିଛନ୍ତି । ଆଗାମୀ ଦିନରେ ସେମାନଙ୍କର ଏହି ବିଜୟ ଯୁବ ଖେଳାଳୀମାନଙ୍କୁ ଫୁଟ୍‌ବଲ୍ ଖେଳିବାପାଇଁ ଉତ୍ସାହିତ କରିବ ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ' ଭାରତୀୟ ମହିଳା ଫୁଟ୍‌ବଲ ଦଳ ଷଷ୍ଠ ଥରପାଇଁ ସାଫ୍ ଚାମ୍ପିୟନସିପ୍ ଟାଇଟ୍‌ଲ ହାସଲ କରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ଏହି ସଫଳତା ଦେଶର ଯୁବ ଖେଳାଳୀମାନଙ୍କୁ ଦେଶର କ୍ରୀଡ଼ା ଭବିଷ୍ୟତ ଗଠନ ଦିଗରେ ଉତ୍କର୍ଷ ଏବଂ ଶ୍ରେଷ୍ଠତା ପ୍ରଦର୍ଶନପାଇଁ ପ୍ରେରଣା ଯୋଗାଇବ ।

କେନ୍ଦ୍ର ଯୁବବ୍ୟପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ଶୁଭେଚ୍ଛା ଜଣାଇବା ସହ ଭାରତୀୟ ଫୁଟ୍‌ବଲ୍ ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି ।

## ରେସ୍‌ଲିଂ

ମଙ୍ଗୋଲିଆରେ ଚାଲିଥିବା ଉଲାନବାତାର ଓପନ୍ ପ୍ରତିଯୋଗିତାରେ ଭାରତୀୟ କୁସ୍ତି ପ୍ରତିଯୋଗୀମାନେ ପୁରୁଷ ଫ୍ରି-ଷ୍ଟାଇଲ୍ ବର୍ଗରେ ଦୁଇଟି ସ୍ୱର୍ଣ୍ଣ ଏବଂ ଦୁଇଟି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି । ଫାଇନାଲ୍ ମ୍ୟାଚ୍‌ରେ ଭାରତର ଦୀପକ ୬୧ କିଲୋଗ୍ରାମ୍ ବର୍ଗରେ କାଜାଖସ୍ତାନର ଆସିଲ୍ ଆଇତାକିନ'ଙ୍କୁ ୬-୦ରେ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ସେହିପରି ଦିନେଶ ୧୨୫ କିଲୋଗ୍ରାମ ବର୍ଗରେ କାଜାଖସ୍ତାନର ୟେଡିଗ୍

କାସିମ୍‌ବେକ୍‌ଙ୍କୁ ୨-୦ରେ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଭାରତ ପକ୍ଷରୁ ମୋହିତ କୁମାର ୬୫ କିଲୋଗ୍ରାମ୍ ବର୍ଗରେ କାଜାଖସ୍ତାନର ଖେଳାଳୀଙ୍କୁ ୧୭-୬ରେ ପରାସ୍ତ କରି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି । ୯୭ କିଲୋଗ୍ରାମ୍ ବର୍ଗରେ ମଧ୍ୟ ଭାରତର ଭିକି' ମଙ୍ଗୋଲିଆର ପ୍ରତିଯୋଗୀଙ୍କୁ ୪-୦ରେ ପରାସ୍ତ କରି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି ।

## କ୍ରିକେଟ୍

ନ୍ୟୁ ଚଣ୍ଡିଗଡଠାରେ ଖେଳାଯାଉଥିବା ଆଫଗାନିସ୍ତାନ ବିପକ୍ଷ ଏକମାତ୍ର କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ପ୍ରଥମ ଇନିଙ୍ଗ୍‌ସରେ ଆଫଗାନିସ୍ତାନ ୫ ଓ୍ୱିକେଟ୍ ବିନିମୟରେ ୧୧୩ ରନ୍ ସଂଗ୍ରହ କରିଛି । ରମହମତ୍ ଶାହା ୪୩ ରନ୍ କରି ଅପରାଜିତ ଅଛନ୍ତି । ଭାରତ ପକ୍ଷରୁ ଦେବୁତାନ୍ତ ମାନବ ୩ଟି ଓ୍ୱିକେଟ୍ ନେଇଥିବାବେଳେ ପ୍ରସିଦ୍ଧ କ୍ରିଷ୍ଣା ୨ଟି ଓ୍ୱିକେଟ୍ ଅକ୍ତିଆର କରିଛନ୍ତି ।

ଭାରତ ୮ ଓ୍ୱିକେଟ୍ ବିନିମୟରେ ୫୬୪ ରନ୍ କରି ପ୍ରଥମ ଇନିଂସ୍‌ର ପାଳି ସମାପ୍ତି ଘୋଷଣା କରିଛି । ଅଧିନାୟକ ଶୁଭମନ ଗିଲ୍ ୧୨୬ରନ୍ କରି ଆଉଟ୍ ହୋଇଥିବାବେଳେ କେ.ଏଲ୍. ରାହୁଲ୍ ୧୦୦ ରନ୍, ରିଷଭ ପନ୍ତ ୮୧ ରନ୍ ସଂଗ୍ରହ କରିଥିଲେ । ଆଫଗାନିସ୍ତାନର ଦ୍ରୁତ ବୋଲର ମହମ୍ମଦ ସଲିମ ୬ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ ।

*****